### ବୋଲେରୋ ଧକ୍କାରେ ସ୍କୁଟି ଆରୋହୀ ମୃତ

ତିର୍ତ୍ତୋଲ,(ଡି.ଏନ୍.ଏ.): ତିର୍ତ୍ତୋଲ ଥାନା ଅଧୀନ କଟକ-ପାରାଦୀପ ମୁଖ୍ୟ ରାସ୍ତା ନୂଆପଡ଼ା ଛକରେ ସୋମବାର ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତରଜଙ୍ଗ ପଞ୍ଚାୟତ ଧନତକପଡ଼ା ଅଞ୍ଚଳର ସୁଧୀର ଦାସ। ସୁଧୀର ଏକ ସ୍କୁଟିରେ ରଘୁନାଥପୁରରୁ ଘରକୁ ଫେରୁଥିବାବେଳେ ନୂଆପଡ଼ାଠାରେ ଏକ ବୋଲେରୋ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଧୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ରସୁଲପୁର,୧୨।୭(ଡି.ଏନ.ଏ.): କୁଆଖିଆ ଥାନା ପୋଲିସ ରବିବାର ରାତ୍ର ପାଟ୍ରୋଲିଂ ବେଳେ ୧୬ନଂ. ଜାତୀୟ ରାଜପଥରୁ ଏକ ବେଆଇନ ପଥର ବୋଝେଇ ଟ୍ରକ୍ (ନଂ.ଓଆର-୦୯-ଏଫ-୫୧୧୪)କୁ ଜବତ କରିଛି। ଏଥିସହିତ ଉକ୍ତ ଟ୍ରକ୍‌ର ଚାଳକ ଅବିନାଶ ସୂତାରଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଚାଳକଙ୍କ ଘର ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ନବକାଶୀପୁର ଗ୍ରାମରେ ବୋଲି ଜଣାପଡ଼ିଛି। ନିହଲପ୍ରସାଦ ଅଞ୍ଚଳରୁ ଉକ୍ତ ପଥର ବୋଝେଇ ଟ୍ରକ୍ ପାଣିକୋଇଲି ଅଭିମୁଖେ ଯାଉଥିଲା। ଏହି ସମୟରେ ପୋଲିସ ହାବୁଡରେ ଟ୍ରକ୍‌ଟି ପଡ଼ିଥିଲା। ପୋଲିସ ଉକ୍ତ ଟ୍ରକ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ହେଲେ ଚାଳକ ପଥର ଚାଲାଣ ନେଇ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରିବା ସହ ଟ୍ରକ୍‌କୁ ଜବତ କରିଥିଲା।

### ତହସିଲ ପକ୍ଷରୁ ଚଢ଼ାଉ: ୪ ଟ୍ରକ୍, ୧ ଟ୍ରାକ୍ଟର ଜବତ

ଚଣ୍ଡିଖୋଲ,୧୨।୭(ଡି.ଏନ.ଏ.): ଦର୍ପଣ ତହସିଲର ବିଭିନ୍ନ ସ୍ଥାନରେ ତହସିଲଦାର ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ଫ୍ଲାଇଂ ସ୍କ୍ୱାଡ୍ ରବିବାର ରାତିରେ ଚଢ଼ାଉ କରି ୪ ଟ୍ରକ୍ ଓ ଗୋଟିଏ ଟ୍ରାକ୍ଟର ଜବତ କରିଛି। ତହସିଲ ଅନ୍ତର୍ଗତ ମାଣ୍ଡୁକା ପାହାଡ଼, ଧାଉଡ଼ିଆପଦା ପାହାଡ଼, ବାଲିକୁଦା ନିକଟସ୍ଥ କେଲୁଅ ନଦୀର ବେଆଇନ ବାଲିଘାଟ, ଛତିଆ ଓ ବଡ଼ଚଣାଠାରେ ଚଢ଼ାଉ କରାଯାଇଥିଲା। ମାଣ୍ଡୁକା ନିକଟରୁ ଦୁଇ ମୋରମ ବୋଝେଇ ଟ୍ରକ୍ ଜବତ କରିବା ସହ ବାଲିକୁଦା ବେଆଇନ ବାଲିଘାଟରୁ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ଜାତୀୟ ରାଜପଥର ବଡ଼ଚଣା ଓ ଛତିଆ ନିକଟରୁ ଦୁଇ କଳାପଥର ବୋଝେଇ ଟ୍ରକ୍ ଜବତ କରାଯାଇଛି। ଜବତ ସମୟରେ (ଓଡି-୨୧-ଇ-୮୮୨୮) ନମ୍ବର ବିଶିଷ୍ଟ ହାଇୱାର ଡ୍ରାଇଭର ନାରାୟଣ ସ୍ୱାଇଁ ତହସିଲ କର୍ତ୍ତୃପକ୍ଷଙ୍କୁ ଗାଳିଗୁଲଜ କରିଥିଲେ। ତେଣୁ ତାଙ୍କ ନାମରେ ବଡ଼ଚଣା ଥାନାରେ ଦର୍ପଣ ରାଜସ୍ୱ ନିରୀକ୍ଷକ ଦେବାଶିଷ ବରାଳ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କୁ ଅଟକ ରଖିଛି। ମୋରମ ବୋଝେଇ ଦୁଇ ଟ୍ରକ୍ ଓ ବାଲି ବୋଝେଇ ଟ୍ରାକ୍ଟର ନିକଟରୁ ୭୦,୨୪୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଭାସିଯାଇଥିବା ଯୁବକଙ୍କ ମୃତଦେହ ମିଳିଲା

ବରୀ,୧୨।୭(ଡି.ଏନ.ଏ.): ବରୀ ବ୍ଲକ ଅଧୀନ ଢିହବାରିଙ୍ଗ ଗ୍ରାମର ପଣ୍ଡୁଆ ନାଳରେ ରବିବାର ୩ ଯୁବକ ଗାଧୋଉଥିଲା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ଉଦ୍ୟମ ଯୋଗୁ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଗ୍ରାମର ଶଙ୍ଖାଳି ରାଉତ (୨୩) ନାମକ ଯୁବକଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ସେ ଭାସି ଯାଇଥିଲେ। ବରୀ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ବିଫଳ ହୋଇଥିଲା। ଏହାପରେ ଓଡ୍ରାଫ୍ ଟିମ୍‌ର ସହାୟତା ଲୋଡ଼ାଯାଇଥିଲା। ଓଡ୍ରାଫ୍ ଟିମ୍ ଆସି ଖୋଜାଖୋଜି କରିଥିଲେ ମଧ ଯୁବକଙ୍କ ପତ୍ତା ପାଇ ନ ଥିଲା। ସୋମବାର ସମ୍ପୃକ୍ତ ଯୁବକଙ୍କୁ ମୃତ ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମଦନଗିରିଠାରେ ଖରସ୍ରୋତା ନଦୀରୁ ଠାବ କରାଯାଇଛି। ଶଙ୍ଖାଳିଙ୍କୁ ସ୍ଥାନୀୟ ଲୋକେ ଏବଂ ତାଙ୍କ ପରିବାର ଲୋକେ ଠାବ କରିଛନ୍ତି। ଶଙ୍ଖାଳି ଦିଲ୍ଲୀରେ ରହୁଥିଲେ। ନିଜ ପରିବାରର ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ଘରକୁ ଆସିଥିଲେ। ତାଙ୍କର ଏହି ଆକସ୍ମିକ ମୃତ୍ୟୁକୁ ପରିବାର ଓ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଅନ୍ୟପକ୍ଷରେ ଏହି ଖବରପାଇ ବିଧାୟିକା ସୁନନ୍ଦା ଦାସ ମୃତକ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରଥଯାତ୍ରା ନୀତିକାନ୍ତି ସମ୍ପନ୍ନ



ରାଜନଗର ବ୍ଲକ ରିଘାଗଡ଼ର ମନ୍ଦିରରେ ମୁରୁଜ ରଥ କରାଯାଇ ନୀତି ସମ୍ପୂର୍ଣ୍ଣ ହୋଇଛି।

### ନଛିପୁରରେ ରଥଯାତ୍ରା

ସିଂହପୁର,୧୨।୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନଛିପୁର ନୀଳାଦ୍ରିବିହାର ପରିସରରେ ରଥଯାତ୍ରାର ନୀତିକାନ୍ତି ବିନା ଭକ୍ତରେ ସମ୍ପନ୍ନ କରାଯାଇଛି। ସୂର୍ଯ୍ୟ ପୂଜା ରଥ ପ୍ରତିଷ୍ଠା ପରେ ଦିଅଁମାନଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ଏହାପରେ ଛେରା ପହଁରା ବିଧି ପାଳନ କରାଯାଇଥିଲା। ଚଳିତ ବର୍ଷ ପୂର୍ବବର୍ଷ ପରି ଭକ୍ତଙ୍କ ଉପସ୍ଥିତିକୁ ଶ୍ରୀମନ୍ଦିର ପରିଚାଳନା ସମିତି ବାରଣ କରିଥିଲା। ଚତୁପାର୍ଶ୍ୱ ବ୍ୟାରିକେଡ୍ କରାଯାଇ ପ୍ରବେଶ ନିଷେଦ୍ଧ କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନା ସମିତି ସେବାଧକ୍ଷ ଭକ୍ତ ନିରଞ୍ଜନ ଆଚାର୍ଯ୍ୟ ରଥରେ ଛେରା ପହଁରା କରିଥିଲେ।

## ମୁରୁଜ ରଥରେ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

ରାଜନଗର,୧୨।୭(ଡି.ଏନ.ଏ.)

ଦୀର୍ଘ ୬୫ ବର୍ଷ ହେଲା ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ର ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ମୁରୁଜ ରଥ ନିର୍ମାଣ କରାଯାଇ ରଥଯାତ୍ରା ନୀତି ସମ୍ପୂର୍ଣ୍ଣ କରାଯାଉଛି। ସୋମବାର ଶ୍ରୀଗୁଣ୍ଡିଚା ଅବସରରେ ମୁରୁଜରେ ୩ଟି ପ୍ରତୀକାତ୍ମକ ରଥ ନିର୍ମାଣ କରାଯାଇଥିଲା। ରଥ ନିର୍ମାଣ ପରେ ପହଣ୍ଡି କରାଯାଇ ଶ୍ରୀଜୀଉଙ୍କୁ ମୁରୁଜ ରଥରେ ବିଜେ କରାଯାଇ ରଥଯାତ୍ରା ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଏଥିପାଇଁ ଭୋର ୫ଟାରେ ମଙ୍ଗଳ ଆଳତି, ୬ଟାରେ ମହାସ୍ନାନ, ୭ଟା ରେ ଖେଚୁଡ଼ି ମଣୋହି କରାଯିବାସହ ଦିନ ୧୨ଟାରେ ବଡ଼ଧୂପ ଓ ଦିନ ଗୋଟାଏରେ ମଙ୍ଗଳାର୍ପଣ କରାଯାଇଥିଲା। ବଡପଣ୍ଡା ଡମ୍ବରୁଧର ପାଢୀ, ରଞ୍ଜନ ମିଶ୍ର, ଖଗେଶ୍ୱର ପଣ୍ଡା ପ୍ରମୁଖ ଶ୍ରୀଜୀଉଙ୍କୁ ରଥାରୁଢ଼ କରିଥିଲେ। ରଥ ଟାଣିବା ପାଇଁ ଲୋକଙ୍କ ଅଭାବ ଓ ରାସ୍ତାଘାଟର ଅସୁବିଧା ହେତୁ ଦୀର୍ଘ ୬୫ ବର୍ଷ ହେଲା ରିଘାଗଡ ପୀଠରେ ରଥଯାତ୍ରା ବନ୍ଦ ରହିଛି। ସେହିପରି ଉପକୂଳ ଓଡ଼ିଶାର ଚର୍ଚ୍ଚିତ ଶ୍ରୀଜଗନ୍ନାଥ ଧାମ କେରେଡା ଗଡ଼ର ଶ୍ରୀଜୀଉଙ୍କୁ ମଧ୍ୟ ମୁରୁଜ ରଥରେ ବିଜେ କରାଯାଇଛି । ବଡପଣ୍ଡା ମଦନମୋହନ ରଥ, ବ୍ରଜକିଶୋର ପଣ୍ଡା, ରଞ୍ଜିତ ପତି, ସୋମନାଥ ଷଡଙ୍ଗୀ, ହିମାଂଶୁ ଦାସ ପ୍ରମୁଖ ଠାକୁରଙ୍କ ନୀତିକାନ୍ତି ସମାପନ କରି ମୁରୁଜ ରଥରେ ମହାପ୍ରଭୁଙ୍କୁ ବିଜେ କରାଇଥିଲେ। କେରେଡାଗଡ ପୀଠରେ ସୋମବାର ୧୪୪ ଧାରା ଜାରି କରାଯାଇଥିଲା । ଫଳରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ।



## ବିଧି ରକ୍ଷା ପାଇଁ ପୂଜାର୍ଚ୍ଚନା

ଧର୍ମଶାଳା,୧୨।୭(ଡି.ଏନ.ଏ.): କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଧର୍ମଶାଳା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ରଥଯାତ୍ରା ବନ୍ଦ ରଖାଯାଇଛି। କେବଳ ବିଧି ରକ୍ଷା ପୂର୍ବକ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀତିକାନ୍ତି ସମ୍ପନ୍ନ କରାଯାଇଛି। ବ୍ଲକର ମଧୁପୁରଗଡ଼, ଭାଲୁଖାଇ ଓ ପାଟପୁରଠାରେ ଥିବା ମନ୍ଦିରରେ ରଥଯାତ୍ରା ପରମ୍ପରା ବନ୍ଦ ରଖାଯାଇଛି। ପ୍ରଶାସନର ନିୟମ ମୁତାବକ ସୋମବାର ସକାଳୁ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଯଥା ରୀତିନୀତି ଅନୁଯାୟୀ ପହଣ୍ଡି କରାଯାଇଥିଲା। ପରେ ଭୋଗଲାଗି ହେବା ସହ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ବିନା ଭକ୍ତରେ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ରଥଯାତ୍ରା ଉତ୍ସବ ଫିକା ପଡ଼ିଥିବାରୁ ଭକ୍ତଙ୍କ ମଧରେ ନିରାଶା ଭାବ ଦେଖାଦେଇଛି।

## ପାଲିଙ୍କିରେ ଗଲେ ମାଉସୀଘର

ଦଶରଥପୁର,୧୨।୭(ଡି.ଏନ.ଏ.)

ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ନାରିଗାଁରେ ଥିବା ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ମଧ୍ୟରେ ଅନୁଷ୍ଠିତ ଘୋଷଯାତ୍ରାରେ ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ମା' ଶୁଭଦ୍ରାଙ୍କ ସ୍ନାନ କାର୍ଯ୍ୟ ପରେ ମନ୍ଦିରର ମୁଖ୍ୟ ପୂଜକ ତ୍ରିଲୋଚନ ଦାଶ ଓ ସହଯୋଗୀ ସେବାୟତ ବିଧିବିଧାନ ଅନୁସାରେ ପୂଜା କରିଥିଲେ। ଶ୍ରୀଜୀଉମାନଙ୍କୁ ନୂତନ ରୂପ ଦେବା ପରେ ସିଂହାସନାରୂଢ଼ କରାଇଥିଲେ। ପୂର୍ବରୁ ରଥରେ ନୂତନ ଧ୍ୱଜା ଓ ନେତ ବନ୍ଧା କର୍ମ ସମାପନ ହୋଇଥିଲା। ପରେ ମନ୍ଦିର ସେବାୟତଙ୍କର ଶଙ୍ଖ, ଘଣ୍ଟା ଓ ମନ୍ତ୍ର ଧ୍ୱନିରେ ରଥାରୂଢ଼ ଶ୍ରୀଜୀଉମାନଙ୍କୁ ମନ୍ଦିର ପରିସରରେ କିଛି ପାହୁଣ୍ଡ ଆଗକୁ ନିଆଯାଇଥିଲା। ସେହିପରି ଜୟନ୍ତରା ପଞ୍ଚାୟତ କଟୁରିଆ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କୁ ପାଲିଙ୍କିରେ ନିକଟସ୍ଥ ଗୋପକୂଳ ଗାଁରେ ଥିବା ମାଉସି ମା' ମନ୍ଦିରକୁ ନିଆଯାଇଥିଲା। ଅଳ୍ପ ସେବାୟତଙ୍କ ଗହଣରେ କମଳ ଲୋଚନ ବେହୁରିଆ, ବ୍ରଜକିଶୋର ରାଉତ, ବାବାଜୀ ପରିଡା, ଅଜିତ୍ ସାମଲ ଓ କୁଳମଣି ଜେନା ପ୍ରମୁଖ ଘୋଷ ଯାତ୍ରା ସୁଚାରୁରୂପେ ପରିଚାଳନା କରିଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର, ମଲ୍ଲିକାପୁର, ଧରମପୁର, ଗ୍ରାମନନ୍ଦିପୁର, ଖଣ୍ଡରା, ବରହଟା, ଇଜାପୁର, ଝୁମ୍ପୁରୀ, ଖାନନଗର ଆଦି ସ୍ଥାନରେ କୋଭିଡ୍ ନିୟମକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଳିତ ହୋଇଥିଲା।



କଟୁରିଆ ଗ୍ରାମସ୍ଥିତ ଶ୍ରୀଜୀଉଙ୍କୁ ପାଲିଙ୍କିରେ ମାଉସୀ ମା' ମନ୍ଦିରକୁ ନିଆଯାଉଛି।

## ଧାନକୁଦ ପୀଠରେ ରଥଯାତ୍ରା



ବିରିଡି/ବାଲିଆ,୧୨।୭(ଡି.ଏନ୍.ଏ.)

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ଧାନକୁଦ ପୀଠରେ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା କୋଭିଡ୍ ନିୟମ ଅନୁସାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିନା ଭକ୍ତରେ କମ୍ ସଂଖ୍ୟକ ସେବାୟତଙ୍କୁ ନେଇ ରୀତିନୀତି ସମ୍ପନ୍ନ କରାଯାଇଛି। ତିନିଠାକୁରଙ୍କୁ ରଥରେ ବିଜେ ପରେ ଧାନକୁଦର ମଠାଧୀଶ ବାବା ଅରକ୍ଷିତ ଦାସ ରଥ ପରିକ୍ରମା କରିଥିଲେ। ପରେ ମନ୍ଦିର ଠାକୁର ରାଜା ପ୍ରମୋଦ ନନ୍ଦୀ ଛେରାପହଁରା କରିଥିଲେ। ସେବାୟତଙ୍କ ମୁଖ୍ୟ ବିଭୁଦତ୍ତ ସାହୁଙ୍କ ତତ୍ତ୍ୱାବଧାନରେ ତିନିଠାକୁରଙ୍କୁ ରଥରେ ନ ନେଇ ସେବାୟତମାନଙ୍କ ଦ୍ୱାରା ଗୁଣ୍ଡିଚା ମନ୍ଦିରରେ ବିଜେ କରାଯାଇଥିଲା। ଏହି ଅବସରରେ ରଥ ନ ଗଡ଼ି କେବଳ ଧାନକୁଦ ପୀଠ ସମ୍ମୁଖରେ ଠିଆ ହୋଇ ରହିଥିଲା ।

## ସତ୍ୟପାଠ ମାଧ୍ୟମରେ ଜବାବ ଦିଅ: ଏନ୍‌ଜିଟି

ଯାଜପୁର ଅଫିସ,୧୨।୭

**ବେଆଇନ ରେଲୱେ ସାଇଡିଂ ମାମଲା**
- ରାଜ୍ୟ ସରକାରଙ୍କ ସମେତ ଅନ୍ୟ ପକ୍ଷଙ୍କୁ ନୋଟିସ
- ୪ ସପ୍ତାହ ସମୟ ଦେଲେ

ଯାଜପୁର ଜିଲା କଳିଙ୍ଗନଗର ମେସ୍କୋ ଷ୍ଟିଲ କାରଖାନା ପରିସରସ୍ଥ ରେଲୱେ ସାଇଡିଂ ବିନା ଅନୁମତିରେ ଚାଲିବା ଏବଂ ପ୍ରଦୂଷଣ ସୃଷ୍ଟି ହେଉଥିବା ନେଇ ଶ୍ରମିକ ସଂଘ ପକ୍ଷରୁ ପ୍ରତାପ ଜେନା ନ୍ୟାଶ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଏନ୍‌ଜିଟିରେ ୫୨/୨୦୨୧/ଇଜେଡ୍ ଅନୁସାରେ ଏକ ମାମଲା ରୁଜୁ ହୋଇଛି। ଗତ ୯ ତାରିଖରେ ଜୁଡିସିଆଲ ମେମ୍ବର ବି. ଅମିତ ସ୍ଥାଲେକର ଏବଂ ସଭ୍ୟ ଶୈବାଳ ଦାସଗୁପ୍ତା ମାମଲାର ଶୁଣାଣି କରି ରାଜ୍ୟ ସରକାର, ମେସ୍କୋ ସମେତ ଏକ ସିମେଣ୍ଟ କମ୍ପାନୀକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାରେ ପକ୍ଷଭୁକ୍ତ ଥିବା ଓଡ଼ିଶା ସରକାର, ଯାଜପୁର ଜିଲାପାଳ, ଏସ୍‌ପିସିବି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ପାରାଦୀପ ପରିବହନ ପ୍ରାଇଭେଟ ଲିମିଟେଡ୍‌ଙ୍କୁ ମଧ ଏନ୍‌ଜିଟି ନୋଟିସ୍ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଅଭିଯୋଗ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଆସନ୍ତା ଅଗଷ୍ଟ ୧୬ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

ଏନ୍‌ଜିଟିରେ ଅଭିଯୋଗ ଅନୁସାରେ ୨୦୨୦ ଜାନୁୟାରୀରୁ ମେସ୍କୋ ଷ୍ଟିଲ କାରଖାନା ବନ୍ଦ ରହିଛି। କିନ୍ତୁ ଏହାର ରେଲୱେ ସାଇଡିଂକୁ ଏକ ସିମେଣ୍ଟ କମ୍ପାନୀ ବ୍ୟବହାର କରୁଛି। ଏଥିପାଇଁ ଏସ୍‌ପିସିବିଠାରୁ ଅନୁମତି ନିଆଯାଇ ନାହିଁ। ଉକ୍ତ ସାଇଡିଂରେ ଫ୍ଲାଏ ଆଶ୍, ସ୍ଲାଗ୍, କ୍ଲିଙ୍କର, କୋଲ୍, ଜିପ୍‌ସମ୍ ଆଦି ଅନଲୋଡିଂ କରାଯାଉଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କିଛି ବ୍ୟବସ୍ଥା ହୋଇନାହିଁ। ଏ ଦିଗରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ସହାୟତା କରୁଥିବା ଅଭିଯୋଗକାରୀ ଜେନା ଅଭିଯୋଗରେ ଦର୍ଶାଇଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ନାଉଗାଁ,୧୨।୭(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଶାଳିଜଙ୍ଗା ନିକଟରେ କେବୁଲ କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଂଶ ଗ୍ରାମର ସୁରେନ୍ଦ୍ରନାଥ ସ୍ୱାଇଁଙ୍କ ଏକମାତ୍ର ପୁଅ ସ୍ମୃତିରଞ୍ଜନ। ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କେବୁଲ ମରାମତି କରୁଥିବାବେଳେ ସ୍ମୃତିରଞ୍ଜନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର ପ୍ରଥମେ ନାଉଗାଁ ଓ ପରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସ୍ମୃତିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବାପା ସୁରେନ୍ଦ୍ରଙ୍କ ଅଭିଯୋଗକ୍ରମେ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଷ୍ଟପ୍ରହର ଚାନ୍ଦାକୁ ନେଇ ହତ୍ୟା ମାମଲା, ୯ମ ଅଭିଯୁକ୍ତ ଗିରଫ

ରସୁଲପୁର,୧୨।୭(ଡି.ଏନ.ଏ.)

କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ସରିଫାବାଦ ଗ୍ରାମରେ ଅଷ୍ଟପ୍ରହର ଚାନ୍ଦା ଆଦାୟକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ଗ୍ରାମର ନୀଳମଣି ଦଳାଇଙ୍କ ମୃତ୍ୟୁ ହୋଇଥିଲା। ଏନେଇ ତାଙ୍କ ମା' ଥାନାରେ ୧୩ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ସେମାନଙ୍କ ମଧ୍ୟରୁ ୯ମ ଅଭିଯୁକ୍ତ ଭାବେ ସୋମବାର ନରହରି ଦଳେଇ(୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକଙ୍କ ମୃତ୍ୟୁ ପରଦିନ ପୋଲିସ ୭ଜଣଙ୍କୁ ଗିରଫ କରିଥିଲା। କିଛିଦିନ ପରେ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଘଟଣାର ପାଖାପାଖି ୪ମାସ ପରେ ପୋଲିସ ନବମ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମାର୍ଚ୍ଚ ୧୩ରେ ଗାଁରେ ଚାନ୍ଦା ଆଦାୟ ହେଉଥିଲା। ଉକ୍ତ ଘଟଣାକୁ କେନ୍ଦ୍ରକରି ଗାଁ ଲୋକଙ୍କ ସହ ନୀଳମଣିଙ୍କ ଝଗଡ଼ା ହୋଇଥିଲା। ଗାଁର ୧୦ରୁ ୧୫ଜଣ ଯୁବକ ନୀଳମଣିଙ୍କୁ ଆକ୍ରମଣ କରିଥିଲେ। ଦୁଇଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ନଂ.୯୪/୨୧ରେ ମାମଲା ରୁଜୁ ହୋଇଥିଲା।

## ରଥାରୂଢ଼ ଠାକୁରଙ୍କ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ



କେନ୍ଦ୍ରାପଡ଼ା ଅଫିସ, ୧୨।୭

କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ମଧ୍ୟ ତୁଳସୀ କ୍ଷେତ୍ରାଧିପତି ତଥା କେନ୍ଦ୍ରାପଡ଼ା ଜିଲାର ଆରାଧ୍ୟ ଦେବ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ବ୍ରହ୍ମ ତାଳଧ୍ୱଜ ରଥ ଗଡ଼ି ନାହିଁ। କୋଭିଡ୍ ଏଥିପାଇଁ ପ୍ରତିବନ୍ଧକ ସୃଷ୍ଟି କରିଛି। ଫଳରେ ଶ୍ରଦ୍ଧାଳୁମାନେ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ହେଲେ ଶ୍ରୀଜୀଉଙ୍କ ରଥଯାତ୍ରା ମନ୍ଦିରର ଜଗମୋହନରେ ପ୍ରତୀକାତ୍ମକ ଭାବେ ଆରମ୍ଭ ହୋଇଛି। ସୋମବାର ସକାଳ ୫ରେ ଜୟ ମଙ୍ଗଳା ଆଳତି, ୭ଟାରେ ନୀତିସ୍ନାନ ଓ ୧୦ଟାରେ ଖେଚୁଡ଼ି ଧୂପ ଲାଗି ହୋଇଛି। ଶ୍ରୀଜୀଉଙ୍କ ସେନାପଟା ପୂର୍ବାହ୍ନ ୧୧ଟାରେ ହୋଇଥିଲା। ଅପରାହ୍ନ ୩ଟାରେ ଜଗମୋହନ ମନ୍ଦିରରେ ପହଣ୍ଡି ବିଜେ ପରେ ଛେରାପହଁରା ନୀତି ସମ୍ପନ୍ନ ହୋଇଛି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, କଟକଣା ପାଇଁ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ହୋଇ ନାହିଁ । ରଥଯାତ୍ରାର ସମସ୍ତ ରୀତିନୀତି ଜଗମୋହନ ମନ୍ଦିରରେ ସମ୍ପନ୍ନ ହେବ।

## ଯୁବ କଂଗ୍ରେସର ସାଇକେଲ ଶୋଭାଯାତ୍ରା

ଧର୍ମଶାଳା,୧୨।୭(ଡି.ଏନ.ଏ.)

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ସୋମବାର ଯୁବ କଂଗ୍ରେସ ପକ୍ଷରୁ ସାଇକେଲ ଶୋଭାଯାତ୍ରା କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କରଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକର ଚହଟା ପଞ୍ଚାୟତରୁ ଏହି ଶୋଭାଯାତ୍ରା ବାହାରି ଧର୍ମଶାଳା ବଜାର, ଶାନ୍ତିବଜାର, ଜାରକା ବଜାର, ବ୍ଲକ ଛକ, କୁମାରୀ ପଞ୍ଚାୟତ ଆଦି ପରିକ୍ରମା କରି ଗୋକର୍ଣ୍ଣେଶ୍ୱର ନିକଟରେ ପହଞ୍ଚିଥିଲା। ସେଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଯାଜପୁର ଜିଲା ଯୁବ କଂଗ୍ରେସ ପ୍ରଭାରୀ ସମ୍ରାଟ କେଶରୀ ଜେନା, କେନ୍ଦ୍ରାପଡ଼ା ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟି ପୂର୍ଣ୍ଣ ପରିଚାଳନା ଯୋଗୁ ତୈଳ ଦର ବୃଦ୍ଧି ପାଇବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶ ଛୁଆଁ ହୋଇଛି ବୋଲି କହିଥିଲେ। ତୁରନ୍ତ ଏହାକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କ ଉପରୁ ଆର୍ଥିକ ବୋଝ ହଟାଇବାକୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ପ୍ରମୋଦ ଜେନା, ଯୁବନେତା ଅନୁକୂଳ ଧଳ, ଶିଶିର ମଲିକ, ଶ୍ୟାମସୁନ୍ଦର ରାଉତ, ମହେଶ୍ୱର ବେହେରା, ସୌମ୍ୟରଞ୍ଜନ ସ୍ୱାଇଁ, ସୁନୀଲ ସେଠୀ, ବିକାଶ ସ୍ୱାଇଁ ପ୍ରମୁଖ ଶତାଧିକ ଯୁବ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସାମିଲ ହେବା ସହ ବୈଠକରେ ଉପସ୍ଥିତ ଥିଲେ।

## ଗ୍ରାମବାସୀଙ୍କ ଅଭିଯୋଗରେ ଜେଇଙ୍କ ଅଜବ ଉତ୍ତର

ଜଗତ୍‌ସିଂହପୁର ଅଫିସ, ୧୨।୭

ଏରସମା ବ୍ଲକ ସୋମପୁର ପଞ୍ଚାୟତ ମଲିକଣା ଗାଁ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ବ୍ଲକ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ଅଜବ ଉତ୍ତର ମିଳିଛି। ଯେମିତି କାମ ସେମିତି ବିଲ୍ କରାଯିବ ବୋଲି ଜେଇ କହିଛନ୍ତି। ପ୍ରକଳ୍ପ ପାଇଁ ସବିଶେଷ ତଥ୍ୟ ସହ ବ୍ୟୟ ଅଟକଳ ହୋଇଥିବା ବେଳେ ବିଲ୍ କିପରି କରାଯିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଧ୍ରୁବ ଚରଣ ଗଡୁଆ, କାଳନ୍ଦୀ ସାହୁ, ଚନ୍ଦ୍ରମଣୀ ଜେନା, ତ୍ରିନାଥ ସାହୁ, ଖିଲିରାଣି ସ୍ୱାଇଁ ପ୍ରମୁଖ, ମଲି ଗଡୁଆ, ପ୍ରତିମା ଗଡୁଆ ଓ ରେବତୀ ସାହୁ ପ୍ରମୁଖ ଅଭିଯୋଗରେ କହିଛନ୍ତି, ବ୍ଲକ ମୁଖ୍ୟାଳୟରୁ ମଲିକଣାର ଦୂରତା ପାଖାପାଖି ୧୦ କିଲୋମିଟର ହେବ। ଦୀର୍ଘ ବର୍ଷ ଧରି ଗାଁରେ ରାସ୍ତା ସମସ୍ୟା ଲାଗିରହିଛି। ସୌଭାଗ୍ୟବଶତଃ ଏହି ରାସ୍ତା କାମ ହେବ ବୋଲି ସୂଚନା ମିଳିଥିଲା। ଏହା ଗ୍ରାମବାସୀଙ୍କ ମନରେ ଖୁସି ଭରି ଦେଇଥିଲା। କିନ୍ତୁ ପିଚୁ କିମ୍ବା କଂକ୍ରିଟ୍ ନୁହେଁ ୯ ଲକ୍ଷ ଟଙ୍କାରେ ମୋରମ ରାସ୍ତା ଆରମ୍ଭ ହୋଇଥିଲା। ଗ୍ରାମବାସୀଙ୍କୁ କୁହାଯାଇଥିଲା ୨ ଇଞ୍ଚ ମୋରମ, ୩ ଇଞ୍ଚ ମେଟାଲ ଓ ତା'ଉପରେ ୨ ଇଞ୍ଚର ମୋରମ ଦିଆଯାଇ ମୋଟ ୭ ଇଞ୍ଚ ଉଚ୍ଚର ରାସ୍ତା ହେବ। କିନ୍ତୁ ମୋଟ ଉପରେ ୨ରୁ ୩ ଇଞ୍ଚ ଉଚ୍ଚର ରାସ୍ତା ତିଆରି କରାଯାଇଛି। ତାହା ପୁଣି ନିମ୍ନମାନର। ମୋରମରେ ଗୋଡି ନାହିଁ। କେବଳ ପାଉଡର। ଏହି ପାଉଡର ପକାଯାଇ ସେଥିରେ ୬/୭ ଇଞ୍ଚ ବ୍ୟବଧାନରେ ମେଟାଲ ପକାଯାଇଥିଲା। ଏନେଇ ଗ୍ରାମବାସୀ ୮ ଦିନ ପୂର୍ବେ ଜେଇଙ୍କ ନିକଟରେ ଫୋନ ମାଧ୍ୟମରେ ଅଭିଯୋଗ କରିଥିଲେ। ସେ କ୍ଷେତ୍ର ପରିଦର୍ଶନ କରିବେ ବୋଲି କହିଥିଲେ। ପରେ ଚଞ୍ଚକତାପୂର୍ବକ କ୍ଷେତ୍ର ପରିଦର୍ଶନ କରି (ଲୋକଙ୍କୁ ନ ଡାକି) ଭଣ୍ଡାଇ ଦେଇଥିଲେ। ୧୧ ତାରିଖରେ ପୁନର୍ବାର ଫୋନ କରିବାରୁ ଉପରଠାଉରିଆ ଉତ୍ତର ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ରାସ୍ତା କାମ ନିମ୍ନମାନର ହୋଇଥିବାରୁ ସ୍ଥାୟିତ୍ୱ ନେଇ ସନ୍ଦେହଜାତ ହୋଇଛି। ଏଥିସହ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ପକାଯାଇ ନ ଥିବାରୁ ବର୍ଷାରେ ଧୋଇ ଗମନାଗମନରେ ଅଧିକ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି। ଏଭଳି ସମୟରେ ଜେଇଙ୍କ ଉତ୍ତରରେ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜେଇ ସୁବାସ ପୃଷ୍ଟି କହିଛନ୍ତି, ଲୋକଙ୍କଠାରୁ ଅଭିଯୋଗ ଓ ନିମ୍ନମାନର କାର୍ଯ୍ୟ ସମ୍ପର୍କିତ ଫଟୋ ମିଳିଛି। ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁବିଧା ହେବ।



ମଲିକଣା ଗାଁ ରାସ୍ତା।

**ରାସ୍ତା କାମ ନିମ୍ନମାନର**

## ସଂକ୍ଷେପରେ

### କରୋନାରେ ପୁଣି ୩ ମୃତ, ୭୮ ଆକ୍ରାନ୍ତ

ନୟାଗଡ଼ ଅଫିସ,୧୨।୭: ନୟାଗଡ଼ ଜିଲାରେ କରୋନା ମୃତକଙ୍କ ସଂଖ୍ୟା ୧୮ଦିନରେ ୬୬ରେ ପହଞ୍ଚିଛି । ସୋମବାର ରିପୋର୍ଟ ଅନୁଯାୟୀ, ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭାପୁର ବ୍ଲକରେ ୧, ଦଶପଲ୍ଲା ବ୍ଲକରେ ୮, ଗଣିଆ ବ୍ଲକରେ ୧, ଖଣ୍ଡପଡ଼ା ବ୍ଲକରେ ୫, ନୟାଗଡ଼ ବ୍ଲକରେ ୧୩, ନୂଆଗାଁ ବ୍ଲକରେ ୧୩, ଓଡ଼ଗାଁ ବ୍ଲକ ୧୨, ରଣପୁର ବ୍ଲକ ୧୦, ନୟାଗଡ଼ ପୌରାଞ୍ଚଳରେ ୧୫ଜଣ ଅଛନ୍ତି । କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୧୩୧ଜଣଙ୍କ ଜୀବନ ନେଇସାରିଛି ।

### ଜେଲ୍ ଗଲେ ୪ ଜୁଆଡ଼ି

**ନୟାଗଡ଼ ଅଫିସ,୧୨।୭:** ନୟାଗଡ଼ ସଦର ଥାନା ପୋଲିସ ୪ ଜୁଆଡିଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ମାଳିସାହିର ଦାଶରଥି ମାର୍ଥା(୪୫), ଅଶୋକ ମାର୍ଥା(୨୯), ସନ୍ତୋଷ ବରାଡ(୩୮), ଜିତେନ୍ଦ୍ର ବରାଡ(୧୯)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ରବିବାର ରାତିରେ ଗତିଶ୍ୱର ନୋଡାଲ ହାଇସ୍କୁଲ ପଛପାଖରେ ୫ ଜୁଆଡି ଜୁଆ ଖେଳୁଥିଲେ । ଖବର ପାଇ ପୋଲିସ ଚଢ଼ାଉ କରିବାରୁ ଜଣେ ଫେରାର ହୋଇଯାଇଥିବା ବେଳେ ୪ଜଣ ଧରାପଡ଼ିଥିଲେ । ଘଟଣାସ୍ଥଳରୁ ପୋଲିସ ୩୬୫୦ ଟଙ୍କା, ୫୧ ଖଣ୍ଡ ତାସ ପତା ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୦୭/୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

### ବାଲ୍ୟବିବାହ, ୨ ନାବାଳିକା ଉଦ୍ଧାର

**ନୟାଗଡ଼ ଅଫିସ,୧୨।୭:** ସୋମବାର ଚାଇଲ୍ଡ ଲାଇନ ପକ୍ଷରୁ ଏକ ବାଲ୍ୟ ବିବାହକୁ ବନ୍ଦ କରାଯାଇଛି । ସେହିପରି ବାଲ୍ୟ ବିବାହ ହୋଇ ସାରିଥିବା ଜଣେ ନାବଳିକାଙ୍କୁ ଉଦ୍ଧାର କରାଯାଇଛି । ଉଭୟ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇ ୱାନ ଷ୍ଟପ ସେଣ୍ଟରରେ ରଖାଯାଇଛି । ପ୍ରାପ୍ତ ସୂଚନା ଅନୁସା ଅନୁଯାୟୀ, ନୂଆଗାଁ ବ୍ଲକ ବେରୁଆଁବାରି ଗାଁର ଜଣେ ୧୬ ବର୍ଷିୟା ନାବାଳିକା ଓଡ଼ଗାଁ ଥାନା ସିଆରିମାଲ ଗାଁରେ ବିବାହ କରିଥାନ୍ତେ । ଜୁଲାଇ ୧୪ରେ ବିବାହ ହୋଇଥାନ୍ତା । ସବୁ ପ୍ରସ୍ତୁତି ଶେଷ ହୋଇଥିଲା । ଅଭିଯୋଗ ପରେ ସଂପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି । ଅନ୍ୟପକ୍ଷେ ଗତ ୮ ତାରିଖରେ ବିବାହ ଶେଷ ହୋଇଥିବା ଦଶପଲ୍ଲା ଥାନା ନରଜିପଡା କୁମୁଣ୍ଡିର ୧୫ ବର୍ଷର ନାବାଳିକାଙ୍କୁ ନୂଆଗାଁ ଥାନା ମହିପୁର ଖୁଣ୍ଟବନ୍ଧରୁ ଉଦ୍ଧାର କରାଯାଇଛି।

### କୁଶଭଦ୍ରା ପର୍ବତରେ ଚାରା ରୋପଣ



**ଗଣିଆ,୧୨।୭ (ଡି.ଏନ.ଏ.):** ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦ୍ୱାରା ୩୧୫ ନମ୍ବର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ଶ୍ରୀଗୁପ୍ତେଶ୍ୱର ମହାଦେବଙ୍କ ବିଜେସ୍ଥଳୀ କୁଶଭଦ୍ରା ପର୍ବତରେ ସୋମବାର ୨୦୦ ଚାରା ରୋପଣ କରାଯାଇଛି । ପର୍ଯ୍ୟଟନ କ୍ଷେତ୍ରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଛାଇ ଓ ମୁକ୍ତ ଅମ୍ଳଜାନ ମିଳିବାର ଲକ୍ଷ୍ୟ ନେଇ ମନ୍ଦିର ପରିଚାଳନା କମିଟି ତରଫରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ମନ୍ଦିର ପୀଠ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଉଳ, ଜାମୁ, ବର, ଓସ୍ତ, ଲିମ୍ବ, କରଞ୍ଜ, ଅଶୋକ, ଅଁଳା, ପୁତ୍ରଜିବୀ, କୃଷ୍ଣଚୂଡ଼ା ଓ ଫସଫସିଆ ଆଦି ବୃକ୍ଷରୋପଣ କରାଯାଇଥିଲା । ଟ୍ରଷ୍ଟି ଗଣେଶ୍ୱର ସାହୁ, ସମ୍ପାଦକ ନିଶାମଣି ନାୟକ, ପଞ୍ଚାନନ ନାୟକ, ଭାଗିରଥି ବେହେରା, ବ୍ରଜସୁନ୍ଦର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଫଳକ ଲଗାଇ ଦାୟିତ୍ୱ ଶେଷ

- ଦୁର୍ଘଟଣା ରୋକିବାକୁ ନାହିଁ ପଦକ୍ଷେପ
- ଗାଡ଼ି ଚାଳକ ମାନୁ ନାହାନ୍ତି ଫଳକରେ ଲିଖିତ ପରାମର୍ଶ
- ଦୁର୍ଘଟଣାରେ ଯାଉଛି ବନ୍ୟ ଜୀବଜନ୍ତୁଙ୍କ ଜୀବନ

ନୟାଗଡ଼ ଅଫିସ,୧୨।୭

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବୁଗୁଡା ନିକଟସ୍ଥ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବାଣିଗୋଛା ପଶ୍ଚିମ ବନାଞ୍ଚଳର ଶାଳଭଙ୍ଗା ଅଞ୍ଚଳରେ ଅଧିକାଂଶ ସମୟରେ ବନ୍ୟପ୍ରାଣୀଙ୍କ ଜୀବନ ଗାଡ଼ି ଦୁର୍ଘଟଣାରେ ଯାଉଛି । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଅତିକ୍ରମ କରିବାବେଳେ ଏହି ଦୁର୍ଘଟଣା ଘଟୁଛି । ଗାଡ଼ି ଚାଳକମାନେ ଦ୍ରୁତଗତିରେ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହୋଇଛି। ତେବେ ଏକ କଲରାପତରିଆ ବାଘ ଗାଡ଼ି ଧକ୍କାରେ ପ୍ରାଣ ହରାଇବା ପରେ ରାସ୍ତା କଡ଼ରେ ଫଳକ ମାରି ବିଭାଗ ନିଜର ଦାୟିତ୍ୱ ଶେଷ କରିଛି । ସେହି ଫଳକ ବନ୍ୟ ପ୍ରାଣୀଙ୍କୁ କେତେ ସୁରକ୍ଷା ଦେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶାଳଭଙ୍ଗା ଜଙ୍ଗଲିଆ ଅଞ୍ଚଳରେ କେବଳ ଯେ ବନ୍ୟ ଜୀବଜନ୍ତୁ ପ୍ରାଣ ହରାଉଛନ୍ତି ତାହା ନୁହେଁ ବିଭିନ୍ନ ସମୟରେ ଗାଡ଼ି ଚାଳକଙ୍କ ବି ମୃତ୍ୟୁ ଘଟୁଛି । ଗତ ୧ ତାରିଖ ରାତିରେ ଗାଡି ଧକ୍କାରେ ଏକ କଲରା ପତରିଆ ବାଘର ମୃତ୍ୟୁ ପରେ ମହାନଦୀ ବନ୍ୟପ୍ରାଣୀ ବିଭାଗର ଚିନ୍ତା ବଢ଼ିଥିଲା । ଏହାପରେ ରାଜପଥ କଡ଼ରେ ଗାଡି ଧିରେ ଚଳାନ୍ତୁ ଲିଖିତ ନାମ ଫଳକ ମରାଯାଇଛି । ହେଲେ ଫଳକକୁ ଦେଖି କୌଣସି ଗାଡି ଚାଳକ ନିଜ ଗାଡ଼ିର ବେଗକୁ କମାଉ ନାହାନ୍ତି। ସେହି ରାଜପଥରେ ସ୍ପିଡ୍ ବ୍ରେକର ବ୍ୟବସ୍ଥା କରାଯିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବାଘମୃତ୍ୟୁ ପରେ ବି ସ୍ପିଡ୍ ବ୍ରେକର ଲଗାଯାଇ ନାହିଁ । ପୁଣି ରାତ୍ରିରେ ଫରେଷ୍ଟ ପାଟ୍ରୋଲିଂ କରାଯାଉନାହିଁ । ପାଟ୍ରୋଲିଂ କରାଗଲେ ଦ୍ରୁତ ଗାଡ଼ି ଚାଳକମାନଙ୍କ ଭୟ ସୃଷ୍ଟି ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ହେଲେ ତାକୁ ବି ଅଣଦେଖା କରାଯାଉଛି ।

ମିଳିଥିବା ସୂଚନା ଅନୁଯାୟୀ, ଶାଳଭଙ୍ଗା ଜଙ୍ଗଲ ବାଣିବିରି ଘାଟି ପର୍ଯ୍ୟନ୍ତ ଲାଗିଛି । ଏହି ଘଞ୍ଚ ଜଙ୍ଗଲ ମଝିରେ ରାଜପଥ ଯାଇଥିବାରୁ ଲୁଟ୍ ଭୟ ବି ରହିଛି । ବିଭିନ୍ନ ସମୟରେ ଲୁଟ୍ ଚାଲିଥିବା ଥାନାରେ ଅଭିଯୋଗ ହୋଇଛି। ଚୋରି ଓ ଲୁଟ୍‌ରୁ ବର୍ତ୍ତିବା ପାଇଁ ଜଙ୍ଗଲିଆ ରାସ୍ତାରେ ଗାଡି ଚାଳକମାନେ ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଜଣେ ଚାଳକ କହିଛନ୍ତି ।ଏଣୁ ପୋଲିସ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ବନ୍ୟ ଜୀବଜନ୍ତୁଙ୍କୁ ଦୁର୍ଘଟଣାରୁ ବଞ୍ଚାଇବାକୁ ହେଲେ ସ୍ଥାୟୀ ସମାଧାନ ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।



ଲଗାଯାଇଥିବା ସୂଚନା ଫଳକ ।

**ନିରାପଦ ନୁହେଁ ହାତୀ ଚଲାପଥ**

ଶାଳଭଙ୍ଗା ଜଙ୍ଗଲ ଦେଇ ଯାଇଥିବା ୫୭ ନଂ. ଜାତୀୟ ରାଜପଥ ବି ହାତୀଙ୍କ ଚଲାପଥ ।ଏନେଇ ବିଭାଗ ପକ୍ଷରୁ ଫଳକ ଲଗାଯାଇଛି । ତେବେ ହାତୀ ଚଲାପଥରେ ହାତୀ ଯିବା ନିରାପଦ ନୁହେଁ । ଆଜି ପର୍ଯ୍ୟନ୍ତ କୌଣସି ହାତୀ ଦୁର୍ଘଟଣାଗ୍ରସ୍ତ ହୋଇନାହାନ୍ତି । ତଥାପି ଏଥିପାଇଁ ଚିନ୍ତା କରିବାର ସମୟ ଆସିଛି। ବାଘ ମୃତ୍ୟୁ ପରେ ହାତୀ ମୃତ୍ୟୁର ବି ଭୟ ରହିଛି । ଏଣୁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଇବାକୁ ସାଧାରଣର ମତ ପ୍ରକାଶ ପାଇଛି ।

# କରୋନା କଟକଣା ପାଇଁ ଗଡ଼ିଲାନି ରଥ


ବେଠିଆସାହି ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା ।

ଗଣିଆ,୧୨।୭ (ଡି.ଏନ.ଏ.)

ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ କରୋନା କଟକଣା ପାଇଁ ସୋମବାର ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ମହାପ୍ରଭୁ ରଥଯାତ୍ରା ବନ୍ଦ ରହିଛି । ବ୍ଲକର ବେଠିଆସାହି, ଗଣିଆ, ବେଲପଡାପାଟଣା, ହରିପୁର, ଜଗନ୍ନାଥପ୍ରସାଦ, ରାସଙ୍ଗ ଆଦି ଗ୍ରାମରେ ପାରମ୍ପରିକ ରୀତିରେ ପ୍ରତିବର୍ଷ ହେଉଥିବା ରଥଯାତ୍ରା ହୋଇ ନ ଥିଲା । କେବଳ ମହାପ୍ରଭୁଙ୍କ ରଥଯାତ୍ରା ନୀତି ପାଳନ କରାଯାଇଥିଲା । ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ମନ୍ଦିରରେ ବିନାଭକ୍ତରେ କେବଳ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା । କେତେକ ସ୍ଥାନରେ ପିଲାମାନେ ଛୋଟ ରଥରେ ଠାକୁରଙ୍କୁ ବସାଇ ଟାଣୁଥିବା ଦେଖିବାକୁ ମିଳିଥିଲା ।

# କଟକଣା ଯୋଗୁ ମନ୍ଦିର ବେଢାରେ ଘୋଷଯାତ୍ରା

ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.)

ଖଣ୍ଡପଡ଼ା ରାଜ ପରିବାର ଦ୍ୱାରା ପରିଚାଳିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ଘୋଷଯାତ୍ରା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା'ସୁଭଦ୍ରାଙ୍କୁ ପୂଜକମାନେ ରଥକୁ ପହଣ୍ଡି ବିଜେ କରାଇବା ପରେ ରଥଟଣା ଆରମ୍ଭ ହୋଇଥିଲା । ମନ୍ଦିର ବେଢାରେ କିଛି ବାଟ ପର୍ଯ୍ୟନ୍ତ ରଥ ଟଣା ଯାଇଥିଲା । ରଥ ଚାରି ପଟେ ରାଜା ବିଭୁତି ଭୁଷଣ ସିଂ ମର୍ଦ୍ଦରାଜ ଛେରା ପହଁରା କରିଥିଲେ । ବର୍ଷା ସତ୍ତ୍ୱେ ରଥାରୁଢ ଦିଅଁଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା । ସେହିପରି ଖଳିସାହି ଜଗନ୍ନାଥ ମନ୍ଦିର ପକ୍ଷରୁ ଓ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରେ ବିରାଜିତ ଶ୍ରୀପତିତପାବନ ଦେବଙ୍କ ଘୋଷଯାତ୍ରା ପ୍ରଶାସନିକ କଟକଣା ଯୋଗୁ ବନ୍ଦ ରହିଛି । ଠାକୁରଙ୍କ ସକାଳ ସେବା ନୀତି ଓ ମଧାହ୍ନ ଧୂପ ପରେ ସେନାପଟା ଲାଗି, ଛକଲାଗି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପରେ ଠାକୁରମାନଙ୍କୁ ମଙ୍ଗଳାର୍ପଣ କରାଯାଇଥିଲା । ସେହିପରି ଗ୍ରାମାଞ୍ଚଳରେ ପିଲାମାନେ କୁନି ରଥ କରି ଗ୍ରାମ ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା ।


ରାଜା ବିଭୁତି ଭୂଷଣ ସିଂ ମର୍ଦ୍ଦରାଜ ଛେରାପହଁରା କରୁଛନ୍ତି ।

## ରାସ୍ତା ଉପରେ ଜମିଛି ବର୍ଷା ଜଳ

ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ପଶ୍ଚିମପାର୍ଶ୍ୱ ଯାତ୍ରାପଦା ବଜାରଠାରୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ କେତେଜଣ ବ୍ୟକ୍ତି ଘର ତିଆରି ସାମଗ୍ରୀ ଗଦା କରି ରଖିଛନ୍ତି । ଏଥିପାଇଁ ରାସ୍ତା ସଙ୍କୁଚିତ ହେବା ସହିତ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ରାସ୍ତା ଉପରେ ବର୍ଷାଜଳ ଜମି ରହିଛି । ଫଳରେ ଯାତାୟତ କରିବାରେ ସମସ୍ୟା ସୃଷ୍ଟିହେଉଥିବା ଅଭିଯୋଗ ହୋଇଛି । ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତିଙ୍କ ପରଲୋକ

ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.)

ନୟାଗଡ଼ ଜିଲା ଭାପୁର ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ତଥା ବିଶିଷ୍ଟ ପାଲା ଗାୟକ ଦିଲ୍ଲୀପ କୁମାର ଷଡଙ୍ଗୀ(୪୮)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡିତ ଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡ଼ା କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତି, ଯୁବ ସଙ୍ଗଠକ ଦେବାଶିଷ ପରମଗୁରୁଙ୍କ ସମେତ ବହୁ ପୁରୁଖା କଂଗ୍ରେସ ନେତା, କର୍ମୀ ଓ ସଙ୍ଗଠକମାନେ ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଦାଶିଆ ଅଜାଙ୍କ ଜୟନ୍ତୀ ପାଳିତ

ନୂଆଗାଁ,୧୨।୭ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ସୋମବାର ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥୀ ପଟ୍ଟନାୟକ (ଦାଶିଆ ଅଜା)ଙ୍କ ୧୧୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଦାଶିଆ ଅଜାଙ୍କ ସାଧନା ପୀଠ ଉଦୟପୁର ପାଠାଗାର ସଂଗ୍ରହାଳୟ ପରିସରରେ ଦାଶିଆ ପ୍ରେମୀମାନଙ୍କ ଦ୍ୱାରା ନିରାଡ଼ମ୍ବର ଭାବେ ପ୍ରାର୍ଥନା ସଭା, ଭଜନ ନାମ ସଂକୀର୍ତ୍ତନ ଏବଂ ଭାଗବତ ପାଠ କରାଯାଇ ଦାଶିଆ ଅଜା ଏବଂ ତାଙ୍କ ସହଧର୍ମିଣୀ ପୂର୍ଣ୍ଣମାସୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

ଦାଶିଆ ଅଜା ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଥିଲା ତାଙ୍କ ଶିକ୍ଷାଗତ ଯୋଗ୍ୟତା । ତାଙ୍କ ଜୀବନ ଶୈଳୀ ଥିଲା ଅତି ସରଳ ଓ ନିରାଡ଼ମ୍ବର । ଓଡ଼ିଶାର ଗାଁ ଗଣ୍ଡା, ସହର ବଜାର ବୁଲି ସେ ପୁରାତନ ପୁସ୍ତକ, ପତ୍ର ପତ୍ରିକା, ତାଳପତ୍ର ପୋଥୀ ସହ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରୁଥିଲେ। ସେହି ପୁସ୍ତକ ଓ ବିଭିନ୍ନ ପୁରାତନ ସାମଗ୍ରୀ ରଖିବା ପାଇଁ ଉଦୟପୁରଠାରେ ଏକ ସଂଗ୍ରହାଳୟ ସ୍ଥାପନ କରିଥିଲେ । ତାଙ୍କ ପାଠାଗାର ସଂଗ୍ରହାଳୟରେ ୧ଲକ୍ଷରୁ ଉର୍ଦ୍ଧ୍ୱ ପୁରାତନ ଓ ଆଧୁନିକ ପୁସ୍ତକ ସହ ନାନା ପତ୍ରପତ୍ରିକା, ଶତାଧିକ ତାଳପତ୍ର ପୋଥୀ, ବିରଳ ଓ ପୁରାତନ ଖବରକାଗଜ ରହିଛି। ଦାଶିଆ ଅଜାଙ୍କ ୯୦ବର୍ଷର ଜୀବନ ଓ ୪୦ବର୍ଷର ସାଧନା ଥିଲା ଓଡ଼ିଆ ଜାତି ପାଇଁ ସମର୍ପିତ। ଏହି ବିସ୍ମୟ ସାଧକଙ୍କ ଅଲୌକିକ ସାଧନା ଓ ସଂଘର୍ଷମୟ ଜୀବନର ପୃଷ୍ଠା ଉନ୍ମୋଚନ କଲାବେଳେ ମାନବ ସମାଜ ମଧ୍ୟ ସ୍ତବ୍ଧ ହୋଇଯାଏ । ଦାଶିଆ ଅଜାଙ୍କ ପ୍ରସିଦ୍ଧ ସାଂସ୍କୃତିକ ସମ୍ଭାର ଆଜି ଦେଶ ବିଦେଶର ପାଠକ, ଗବେଷକ, ଦର୍ଶକ, ପର୍ଯ୍ୟଟକ, କବି, ଲେଖକ, ସାହିତ୍ୟିକ ଏବଂ ବୁଦ୍ଧିଜୀବୀମାନଙ୍କ ପାଇଁ ଏକ ଜାତୀୟ ତୀର୍ଥ କ୍ଷେତ୍ରରେ ପରିଣତ ହୋଇଛି ।


ଉଦୟପୁର ଦାଶିଆ ଅଜାଙ୍କ ସାଧନା ପୀଠରେ ଗ୍ରାମବାସୀଙ୍କ ସଂକୀର୍ତ୍ତନ ।

# ସବୁଜ ବାହିନୀ ତରଫରୁ ବୃକ୍ଷ ରୋପଣ

ଓଡ଼ଗାଁ,୧୨।୭(ସ୍ୱ.ପ୍ର.)

ଘୋଷଯାତ୍ରା ଅବସରରେ ଭଗବତୀ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କୁଲ ସବୁଜ ବାହିନୀ କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଛି । ଏଥିରେ ଓଡ଼ଗାଁ ରେଞ୍ଜର ଅମ୍ରିତ କୁମାର ସାହୁ ମୁଖ୍ୟଅତିଥି ଓ ସ୍କୁଲ ପରିଚାଳନା କମିଟି ସଭାପତି ଜଗନ୍ନାଥ ସାହୁ, ପ୍ରାକ୍ତନ ସିଆରସିସି ରଞ୍ଜନ କୁମାର ଦାଶ, ସିଆରସିସି ଲଳିତ ମୋହନ ମିଶ୍ର,ଉତ୍କଳମଣି ସେବା ସଂଘ ସମ୍ପାଦକ ବସନ୍ତ କୁମାର ଆଲଟିଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମସ୍ତେ ଗୋଟିଏରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରି ବର୍ଷସାରା ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବଉଳ, ପଣସ, ଲେମ୍ବୁ, ପେସ୍ତା ବାଦାମ, ଶିଶୁ ଭଳି ଅନେକ ଚାରା ରୋପଣ କରାଯାଇଥିଲା । ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ, ସୁଚିତ୍ରା ପ୍ରଧାନ, ନୀଳମ ପ୍ରିୟଦର୍ଶନୀ ଓ ତ୍ରିଲୋଚନ ମାହାକୁଡ ପ୍ରମୁଖ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସମ୍ପତ୍ତି ପାଇଁ ମା'ବାପାଙ୍କୁ ହାଣିଲା ପୁଅ

ନୟାଗଡ଼ ଅଫିସ,୧୨।୭:

ନୟାଗଡ଼ ସଦର ଥାନା ବରପଲ୍ଲୀରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି । ସମ୍ପତ୍ତି ବିବାଦକୁ କେନ୍ଦ୍ର ଜ୍ଞାନେନ୍ଦ୍ର ନାହାକ(୩୨) ନାମକ ଜଣେ ଯୁବକ ନିଜ ସାବତ ମା'ସତ୍ୟଭାମା(୩୦) ଓ ବାପା ଉତ୍ସବ ନାହାକ(୭୪)ଙ୍କୁ କଟୁରୀରେ ହାଣି ଗୁରୁତର କରିଛନ୍ତି । ଉଭୟଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

ସୂଚନା ଅନୁଯାୟୀ, ଉତ୍ସବ ନାହାକ ସତ୍ୟଭାମାଙ୍କୁ ତୃତୀୟ ବିବାହ କରିଛନ୍ତି। ତାଙ୍କର ୩ବର୍ଷର ଏକ ପୁଅ ଅଛି । ସେହି ପୁଅ ନାମରେ ଘରବାରୀ କାଗଜପତ୍ର କରାଇବା ପରେ ଅନ୍ୟତମ ପୁଅ ଜ୍ଞାନେନ୍ଦ୍ର ଏହାର ପ୍ରତିବାଦ କରିଥିଲେ । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଜ୍ଞନେନ୍ଦ୍ର ସୋମବାର ଅପରାହ୍ନରେ ମା'ବାପାଙ୍କୁ କଟୁରୀରେ ହାଣି ଫେରାର ହୋଇ ଯାଇଥିଲେ । ଉତ୍ସବଙ୍କ ଭାଇଙ୍କ ମୌଖିକ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ କହିଛନ୍ତି, ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ ହୋଇନାହିଁ । ମୌଖିକ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଛି। ପରେ ମାମଲା ରୁଜୁ କରାଯାଇ ପଦକ୍ଷେପ ନିଆଯିବ ।

# ସ୍ମୃତି ସଂସଦ ପକ୍ଷରୁ ଦାଶିଆ ଅଜାଙ୍କୁ ଶ୍ରଦ୍ଧାଞ୍ଜଳି

ନୟାଗଡ଼ ଅଫିସ,୧୨।୭:

ରାଜ୍ୟ ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ ଦାଶିଆ ଅଜାଙ୍କ ୧୧୪ତମ ଜନ୍ମବାର୍ଷିକୀ ଅବସରରେ ଦାଶିଆ ଅଜା ସ୍ମୃତି ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ମୃତି ସଂସଦ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ପୋମା ଟୁଡୁ ଯୋଗଦେଇ ନୟାଗଡ଼ କଚେରୀ ବଜାର ଛକରେ ଥିବା ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ଭାଜପା ନେତା ସନ୍ତୋଷ ପ୍ରଧାନ, ସାମାଜିକ କର୍ମୀ ସୁରେନ୍ଦ୍ରନାଥ ମହାପାତ୍ର, ଶ୍ରୀଧର ସାହୁ, ଶ୍ରୀକାନ୍ତ ପଟ୍ଟନାୟକ,ବରିଷ୍ଠ ଖବରଦାତା ରାମକୃଷ୍ଣ ରଥ, ଲକ୍ଷ୍ମୀଧର ସାହୁ, ଗୋକୁଳ ଷଡ଼ଙ୍ଗୀ, ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ପାଠାଗାରର ସମ୍ପାଦକ ସଞ୍ଜୟ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପ୍ରମୁଖ ସହାୟକ ସିଦ୍ଧାର୍ଥ ଦେ ପ୍ରମୁଖ ଯୋଗ ଦେଇଥିଲେ ।


ସ୍ମୃତି ସଂସଦ ପକ୍ଷରୁ ଦାଶିଆ ଅଜାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

## ନୀତିକାନ୍ତିରେ ସରିଲା ରଥଯାତ୍ରା

ଦଶପଲ୍ଲା,୧୨।୭(ଡି.ଏନ.ଏ.)

ଗତବର୍ଷ ପରି ଚଳିତ ବର୍ଷ କରୋନା କଟକଣା ଯୋଗୁ ଦଶପଲ୍ଲା ଓ ତାର ଆଖାପାଖ ଅଞ୍ଚଳରେ ରଥ ଟଣା ବନ୍ଦ ରହିଛି । ଏଥିଯୋଗୁ ଶ୍ରଦ୍ଧାଳୁମାନେ ନିରାଶ ହୋଇଛନ୍ତି। ରଥ ପ୍ରସ୍ତୁତ ଥିଲେ ମଧ୍ୟ ଶ୍ରୀଜୀଉଙ୍କୁ ରଥାରୁଢ଼ କରାଯାଇନାହିଁ ତେବେ ଦଶପଲ୍ଲା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା କରାଯିବା ପରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ମନ୍ଦିର ବାରଣ୍ଡାକୁ ଅଣାଯାଇଥିଲା। ସେଠାରେ ରଥନୀତି ସମ୍ପନ୍ନ କରାଯାଇ ଥିଲା । ଭକ୍ତମାନେ କଟକଣା ମଧ୍ୟରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ।

## ଗୋକୁଳାନନ୍ଦଙ୍କ ପୀଠରେ ଚାରା ରୋପଣ

ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉ ପୀଠରେ ୩୨ ତମ ବନମହୋତ୍ସବ ଅବସରରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୋକୁଳାନନ୍ଦ ସ୍ପୋଟସ ଆସୋସିଏଶନର ସଦସ୍ୟ ମାନେ ମନ୍ଦିର ପରିସରରେ ଥିବା ଉଦ୍ୟାନରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ ଓ ଗୋକୁଳାନନ୍ଦ ଜୀଉଙ୍କ ପୂଜକ ଅଖିଳ ପାଣି ପରିଚାଳନା କରିଥିଲେ ।

# ମହିଳାଙ୍କୁ ହତ୍ୟା ଅଭିଯୋଗ

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ନୟାଗଡ଼ ଅଫିସ,୧୨।୭:

ନୟାଗଡ଼ ଜିଲା ଇଟାମାଟି ଥାନା ଖଇରପଟିରେ ପୁଷ୍ପାଞ୍ଜଳି ନାୟକ(୨୦) ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ତେବେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ମହିଳାଙ୍କ ବାପା ଘର ଲୋକେ ସୋମବାର ଅପରାହ୍ନରେ ପ୍ରତାପପ୍ରସାଦ ଦର୍ପନାରାୟଣପୁର ରାସ୍ତା ଅବରୋଧ କରିଥିଲେ । ୧ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା । ମୃତ ମହିଳାଙ୍କ ବାପା ତଥା କାକଲମା ତୋଟାସାହିର ଗୋବିନ୍ଦ ପରିଡାଙ୍କ ଅଭିଯୋଗ ଅନୁସାରେ ପୁଷ୍ପାଞ୍ଜଳି ୩ବର୍ଷ ତଳେ ଖଇରପଟି ଗାଁର ସରୋଜ ନାୟକ(୨୨)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ତେବେ ୩୦ ହଜାର ଟଙ୍କା ଅଧିକ ଯୌତୁକ ପାଇଁ ଶାଶୁ, ଶ୍ୱଶୁର, ୨ ନଣନ୍ଦ ଓ ସ୍ୱାମୀ ମଶି ପୁଷ୍ପାଞ୍ଜଳିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏନେଇ ପ୍ରାୟ ୧୫ ଥର ଭଦ୍ରଲୋକଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା । ଏପରିକି ଦର୍ପନାରାୟଣପୁର ଫାଣ୍ଡିରେ ମଧ ଏହି ବିବାଦର ଆପେସ ମିଳାମିଶା ହୋଇଥିଲା । ପରେ ପୂର୍ବପରି ନିର୍ଯାତନା ଲାଗି ରହିଥିଲା। ସୋମବାର ଶାଶୁ ଘର ଲୋକମାନେ ମୋ ଝିଅକୁ ମାରିବା ପରେ ୧ବର୍ଷର ନାତୁଣୀଙ୍କୁ ଧରି ଫେରାର ହୋଇଯାଇଛନ୍ତି । ଝିଅର ବେକରେ ଏକ ଚିହ୍ନ ଅଛି ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି । ଏନେଇ ଇଟାମାଟି ଥାନା ଅଧିକାରୀ ବସନ୍ତ ସାହୁ କୁହନ୍ତି, ପୋଲିସ ତଦନ୍ତ ଆରମ୍ଭ କରିଛି ।